# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 15 September– 2026

---

## ପଞ୍ଚମ ସେମିକନ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଗୁରୁବାର ନୂଆଦିଲ୍ଲୀର ଯଶୋଭୂମିଠାରେ 'ପଞ୍ଚମ ସେମିକନ୍ ଇଣ୍ଡିଆ-୨୦୨୬' ଉଦ୍‌ଘାଟନ କରିବେ। ଏଥିରେ ୪୦ରୁ ଅଧିକ ରାଷ୍ଟ୍ରର ୬୦୦ରୁ ଅଧିକ ପ୍ରତିନିଧି, ୩୦୦ ଅନ୍ତର୍ଜାତୀୟ ସଂସ୍ଥା ଓ ପ୍ରତିଯୋଗୀ ଯୋଗଦେବେ। ସୂଚନା ଅନୁସାରେ, ସେମିକନ ଇଣ୍ଡିଆ କାର୍ଯ୍ୟକ୍ରମର ଶୁଭାରମ୍ଭ ୨୦୨୧ ମସିହା ଡିସେମ୍ବର ମାସରେ ହୋଇଥିଲା। ଏଥିପାଇଁ ୭୬ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

## ୟୁପିଆଇ - ପେମେଣ୍ଟ

ଦେଶରେ ୨ହଜାର ଟଙ୍କା ପର୍ଯ୍ୟନ୍ତ ୟୁପିଆଇ କାରବାର ଉପରେ ବ୍ୟାଙ୍କ୍ କୌଣସି ଶୁଳ୍କ ଲାଗୁ କରିପାରିବ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ରୁପେ ଡେବିଟ୍‌କାର୍ଡ୍ ମାଧ୍ୟମରେ କରାଯାଉଥିବା ୨ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦେଣନେଣ ଉପରେ ମଧ୍ୟ ବ୍ୟାଙ୍କ୍ କିମ୍ବା ସୁବିଧାପ୍ରଦାନକାରୀ ସଂସ୍ଥା କୌଣସି ପ୍ରକାର ପ୍ରତ୍ୟକ୍ଷ ବା ପରୋକ୍ଷ ଶୁଳ୍କ ଲାଗୁ କରିପାରିବେ ନାହିଁ ।

ୟୁପିଆଇ କାରବାର ନେଇ ଶୁଳ୍କ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଏହି ବିଜ୍ଞପ୍ତିରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଷ୍ଟ ସୂଚନା ପ୍ରଦାନ କରାଯାଇଛି ।

# ୟୁଜିସି-ନିର୍ଦ୍ଦେଶାନାମା

ଦେଶର ସମସ୍ତ ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗ ଅଧିକାର ଆଇନ୍ ୨୦୧୬ର ସମ୍ପୂର୍ଣ୍ଣ ଅନୁପାଳନ ସୁନିଶ୍ଚିତ କରିବା ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୟୁଜିସି ପକ୍ଷରୁ ନିର୍ଦ୍ଦେଶାନାମା ଜାରି ହୋଇଛି । ଏନେଇ ୟୁଜିସି ସଚିବ ଶ୍ୟାମା ରଥ ଦେଶର ସବୁ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖିଛନ୍ତି । ପ୍ରତ୍ୟେକ ପାଠ୍ୟକ୍ରମରେ ନାମଲେଖା ସମୟରେ ସଂରକ୍ଷଣ ନୀତି ପାଳନ ତଥା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ତାଲିକା ଦାଖଲକୁ ବାଧ୍ୟତାମୂଳକ କରାଯାଇଛି ।

# ସେବା ସଂକଳ୍ପ ଅଭିଯାନ

ସେବା ସଂକଳ୍ପ ଅଭିଯାନ ଅଧୀନରେ ଆସନ୍ତା ୧୭ରୁ ଅକ୍ଟୋବର ୧୭ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲାରେ ନରସେବା ହିଁ ନାରାୟଣ ସେବା ପାଳନ କରାଯିବ । ୨୫ବର୍ଷର ସୁ-ଶାସନକୁ ସ୍ମରଣୀୟ କରିବା ପାଇଁ ଏହି ଅଭିଯାନ ଲୋକଙ୍କ ସେବାରେ ସମର୍ପିତ ହେବ ବୋଲି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସେବାସଂକଳ୍ପ ଅଭିଯାନ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପ୍ରଧାନ ସହରର ସମସ୍ତ ୱାର୍ଡ ଓ ପଞ୍ଚାୟତରେ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯିବ ବୋଲି କହିଛନ୍ତି ।

ସୂଚନାଯୋଗ୍ୟ ଆସନ୍ତା ୧୭ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରୁ ଏକମାସ ବ୍ୟାପୀ ସେବା ସଂକଳ୍ପ ଅଭିଯାନ ପାଳନ କରାଯିବ ।

## ନୂଆଁଖାଇ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଆଜି ପାଳନ କରାଯାଉଛି । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ନିକଟରେ ଆଜି ସକାଳ ୯ଟା ୪୦ରୁ ୯ଟା ୫୪ ମିନିଟ୍ ମଧ୍ୟରେ ନବାନ୍ନ ଲାଗି କରାଯିବ। ଏହାପରେ ନୂଆଧାନରେ ପ୍ରସ୍ତୁତ ଖାଦ୍ୟକୁ ଇଷ୍ଟଦେବୀଙ୍କୁ ଅର୍ପଣ କରି ନୂଆ ଖାଇବାର ପରମ୍ପରା ରହିଛି। କଳାହାଣ୍ଡିର ମାଣିକେଶ୍ୱରୀ, ଜୁନାଗଡ଼ର ଲଙ୍କେଶ୍ୱରୀ, ବଲାଙ୍ଗୀର ଓ ପାଟଣାଗଡ଼ର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ଆଦି ଦେବାଦେବୀଙ୍କ ପୀଠରେ ପ୍ରଥମେ ନବାନ୍ନ ଭୋଗ ଲାଗି ହେବା ପରେ ସେହି ଅନ୍ନକୁ ସମସ୍ତେ ଗ୍ରହଣ କରିବେ।

ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୩୬ ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ସମସ୍ତଙ୍କୁ ନିଜର କର୍ତ୍ତବ୍ୟ ପାଳନ ନିମନ୍ତେ ଆହ୍ୱାନ ଦେଇଛନ୍ତି ।

**V/O**

# ଦେବନୂଆଁଖାଇ

ନୂଆପଡ଼ା ଜିଲ୍ଲା ଖଡିଆଳ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ ଏବଂ ଗଡରକ୍ଷକ ମା’ ରକ୍ତାମ୍ବରୀଙ୍କ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ

ଦେବନୂଆଁଖାଇ ପାଳିତ ହୋଇଯାଇଛି । ଖଡ଼ିଆଳ ରାଜା ଦେବଦେବ ସିଂହଦେଓ ଦୁଇଦେବୀଙ୍କ ଜୁଗାର ନେଇ ନୂତନ ଶସ୍ୟ ଅର୍ପଣ କରିଛନ୍ତି ।

# ଅନ୍ଧ ହସ୍ତୀ ପ୍ରସ୍ତାବ ଲୀଳା ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଅନ୍ଧ ହସ୍ତୀ ପ୍ରସ୍ତାବ ଲୀଳା ନୀତି ଅନୁଷ୍ଠିତ ହେବ । ସନ୍ଧ୍ୟା ଆଳତୀ ଶେଷ ହେବା ପରେ ଦକ୍ଷିଣୀ ଘରୁ ରାମକୃଷ୍ଣ ରନ୍ ସିଂହାସନକୁ ବିଜେ କରିବେ । ବିମାନବଡୁ ସେବକମାନେ ସିଂହଦ୍ୱାର ନିକଟରେ ଥିବା ବଡଛତା ମଠ ସମ୍ମୁଖରେ ଥିବା ଖଟ ଉପରେ ରାମକୃଷ୍ଣଙ୍କୁ ବିଜେ କରାଇବେ ।

# ଇଞ୍ଜିନିୟର୍ସ ଦିବସ

ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯନ୍ତ୍ରୀଙ୍କର ଅବଦାନ ତଥା ବିଶିଷ୍ଟ ଇଞ୍ଜିନିୟର ସାର୍. ଏମ୍ ବିଶ୍ୱେଶରାୟଙ୍କ ଜନ୍ମବାର୍ଷିକୀ ଅବସରରେ ଆଜି ଇଞ୍ଜିନିୟର୍ସ ଦିବସ ପାଳନ କରାଯାଉଛି ।  ୧୯୬୦ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୫ ତାରିଖରେ ଏହି ଦିବସ ପାଳନ ହୋଇଆସୁଛି । ନିର୍ମାଣ କ୍ଷେତ୍ରରେ ରହିଥିବା ଆହ୍ୱାନର ମୁକାବିଲା, ବୈଷୟିକ ଜ୍ଞାନକୌଶଳର ଉପଯୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଯନ୍ତ୍ରୀଙ୍କର ଭୂମିକାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ଦୂରଦର୍ଶନ-ଫାଉଣ୍ଡେସନ

ଦୂରଦର୍ଶନ ଆଜି ସଫଳ ଜୟଯାତ୍ରାର ୬୬ ବର୍ଷ ପୂରଣ କରିଛି । ୧୯୫୯ ମସିହା ସେପ୍ଟେମ୍ବର ମାସ ଆଜିର ଦିନରେ ଭାରତରେ ଦୂରଦର୍ଶନ ଜରିଆରେ  ପ୍ରସାରଣର ନୂତନ ଯୁଗ ଆରମ୍ଭ ହୋଇଥିଲା । ୧୯୭୫ ମସିହା ପର୍ଯ୍ୟନ୍ତ ଦୂରଦର୍ଶନ, ଆକାଶବାଣୀର ଏକ ଅଂଶ ଭାବେ କାର୍ଯ୍ୟ କରୁଥିଲା । ୧୯୭୬ ମସିହା ଏପ୍ରିଲ୍ ୧ ତାରିଖରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱତନ୍ତ୍ର ୱିଙ୍ଗ୍ ଭାବେ ଦୂରଦର୍ଶନ କାର୍ଯ୍ୟ କରିବା ସହ ପରେ ପ୍ରସାର ଭାରତୀ ଅଧୀନକୁ ଆସିଥିଲା । ଆଜିର ଦିନରେ ଦୂରଦର୍ଶନ ଭାରତର ବୃହତ ପ୍ରସାରଣକାରୀ ସଂସ୍ଥା ଭାବେ ଖ୍ୟାତି ଅର୍ଜନ କରିଛି । ସଂଖ୍ୟାଧିକ ଷ୍ଟୁଡିଓ ଓ ଟ୍ରାନ୍ସମିଟର ଜରିଆରେ ଦେଶର ସବୁଭାଗରେ ଦୂରଦର୍ଶନର ପ୍ରସାରଣ ପହଞ୍ଚି ପାରିଛି । ଏକ ସଙ୍ଗେ ଟେଲିଭିଜନ, ଅନ୍‌ଲାଇନ୍, ମୋବାଇଲ୍ ସେବାରେ ଉଭୟ ଗ୍ରାମାଞ୍ଚଳ, ସହରାଞ୍ଚଳ ଓ ଅନ୍ତର୍ଜାତୀୟ ସ୍ତରରେ ଦୂରଦର୍ଶନର ପ୍ରସାରଣ ହେଉଛି ।

# କଟକ-ଦୁର୍ଗାପୂଜା ପ୍ରସ୍ତୁତି

କଟକ ସହରରେ ସୁରକ୍ଷିତ ଓ ଶୃଙ୍ଖଳିତ ଦୁର୍ଗାପୂଜା ପାଳନ ପାଇଁ ଆସନ୍ତା ୧୮ ତାରିଖରୁ ବାରବାଟୀ ପ୍ୟାଲେସ୍‌ରେ ଏକକ ବାତାୟନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ୨୧ ତାରିଖ ମଧ୍ୟରେ ପୂଜାକମିଟି ଗୁଡ଼ିକ ଆବଶ୍ୟକ ଅନୁମତି ପାଇଁ ଆବେଦନ କରିପାରିବେ । ପୂଜାପେଣ୍ଡାଲ ଓ

ଅନ୍ୟାନ୍ୟ ନିର୍ମାଣ ପାଇଁ ଭିତ୍ତିଭୂମି ନିରାପତ୍ତା ପ୍ରମାଣପତ୍ର, ଅଗ୍ନିଶମ ଓ ବିଦ୍ୟୁତ୍ ନିରାପତ୍ତା ପ୍ରମାଣପତ୍ର ତଥା ଅନ୍ୟାନ୍ୟ ଅନୁମତି ନିମନ୍ତେ ପୂଜାକମିଟି ଗୁଡ଼ିକ ଆବଶ୍ୟକ ଦେୟ ପ୍ରଦାନ କରିବେ ।

## ବର୍ଷା

ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି । ଉତ୍ତର-ପଶ୍ଚିମ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ, ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗକୁ ଗତିକରି ସ୍ଥଳଭାଗ ସ୍ପର୍ଶ କରିଛି । ଏହାର ପ୍ରଭାବରେ ମୌସୁମୀ ନିମ୍ନଚାପରେଖା ଓ ବଙ୍ଗୋପସାଗରରୁ ଆସୁଥିବା ଜଳୀୟ ବାଷ୍ପ ଯୋଗୁଁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଅପରପକ୍ଷରେ ରାଜ୍ୟରୁ ଖୁବ୍‌ଶୀଘ୍ର ମୌସୁମୀ ଫେରିଯିବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆସନ୍ତା ୪ ଦିନ ମଧ୍ୟରେ ଆରମ୍ଭ ହେବା ନେଇ ପାଗ ଅନୁକୂଳ ହେଉଛି ।

## ଆମପର୍ବ-ଆମ ଗର୍ବ ସମାରୋହ

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆମ ପର୍ବ-ଆମ ଗର୍ବ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଆଧ୍ୟାତ୍ମିକ ମାର୍ଗରେ ଅନୁପ୍ରାଣିତ ହୋଇ ଛାତ୍ରଛାତ୍ରୀମାନେ ଦେଶସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଛନ୍ତି ।